**Shikshan Sanshodhan : Journal of Arts, Humanities and Social Sciences** ISSN(o): 2581-6241
Monthly, Peer-Reviewed, Refereed, Indexed Journal Impact Factor: 7.384
Volume - 8, Issue - 7, July - 2025

DOIs:10.2018/SS/202507015 --:-- Research Paper / Article / Review

# ଉତ୍ତର ଅଶୀ ଓଡିଆ ନାଟକରେ ମିଥ୍ : ଚାଣକ୍ୟ ପ୍ରସଙ୍ଗ

**ଚିନ୍ମୟ ସାମଲ**

**ଅଧ୍ୟାପକ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ**

**ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ**

**Email: chinmayasamal97@gmail.com**

**ସଂକ୍ଷିପ୍ତ ସାର :** ମିଥ୍ ଆଧୁନିକତା ଓ ପ୍ରାଚୀନତା ମଧ୍ୟରେ ଏକ ସେତୁବନ୍ଧ ସ୍ୱରୂପ । ପ୍ରାଚୀନ ପରମ୍ପରାକୁ ଓଲଟାଇଦେଲେ ତାହା ମିଥ୍ ହୋଇଯାଏନି କି ଆଧୁନିକତାକୁ ପରିବର୍ତ୍ତନ କରିଦେଲେ ମଧ୍ୟ ତାହା ମିଥର ପରିଭାଷା ହୋଇନଥାଏ । କୌଣସି ଏକ ପ୍ରାଚୀନ ପରମ୍ପରା ଆଧୁନିକତାର ଯୋଗସୂତ୍ର ରକ୍ଷା କରି କୌଣସି ଏକ ବିଷୟ ବା ଚରିତ୍ରର ପୁନର୍ମୂଲ୍ୟାୟନକୁ ମିଥ୍ କହିପାରିବା । ଏହାକୁ ନେଇ ଉତ୍ତରଅଶୀ ପର୍ଯ୍ୟାୟର ଓଡିଆ ନାଟକରେ କରାଯାଇଛି ଅନେକ ପରୀକ୍ଷା ନିରୀକ୍ଷା । ତନ୍ମଧ୍ୟରୁ ଇତିହାସ ପ୍ରସିଦ୍ଧ ଚାଣକ୍ୟ ଚରିତ୍ରକୁ ନେଇ ମଧ୍ୟ କେତେକ ମିଥଧର୍ମୀ ନାଟକ ଲିଖିତ ହୋଇଛି । ଯେଉଁଠି ଉଭୟ ଦର୍ଶକ ଏବଂ ପାଠକ ଚାଣକ୍ୟଙ୍କୁ ଏକ ଭିନ୍ନ ପ୍ରେକ୍ଷାପଟ୍ଟରେ ଲକ୍ଷ୍ୟ କରିପାରିବେ । ସାମ୍ପ୍ରତିକ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଚୀନତାକୁ ପୁନର୍ମୂଲ୍ୟାୟନ କରାଯାଇଛି । ତେଣୁ 'ଚାଣକ୍ୟ' ମିଥ୍ ଦ୍ୱାରା ବାର୍ତ୍ତମାନିକ ପରିସ୍ଥିତିକୁ ଅନୁଧ୍ୟାନ କରାଯାଇପାରେ । ସେହି ଚାଣକ୍ୟ ମିଥ୍ କୁ କେନ୍ଦ୍ରକରି କେଉଁ କେଉଁ ନାଟକ ଲିଖିତ ହୋଇଛି ଏବଂ ସେହି ନାଟକରେ ଚାଣକ୍ୟର ରୂପରଙ୍ଗ କିପରି ପରିବର୍ତ୍ତନ ହୋଇଛି ; ତାହାର ଏକ ଗବେଷଣାତ୍ମକ ଦୃଷ୍ଟି ନେଇ ବିଶ୍ଳେଷଣ ଏହି ପ୍ରବନ୍ଧର ଲକ୍ଷ୍ୟ ।

**ପ୍ରମୁଖ ଶବ୍ଦ :** ପୁନର୍ମୂଲ୍ୟାୟନ , ଟେଲିଗ୍ରାଫିକ , ମିଥ୍ , ରୂପାନ୍ତରୀକରଣ , ଆଲେଗୋରି , ବିଶ୍ୱାୟିତ ରୂପ

**1. ଉପକ୍ରମ :-**

ଉତ୍ତରଅଶୀ ଓଡିଆ ନାଟକ ବହୁ ପରୀକ୍ଷା ନିରୀକ୍ଷାକୁ ନେଇ ଗତିକରି ଚାଲିଛି । କେବଳ ଯେ ନାଟକର ବିଷୟବସ୍ତୁର ପରିବର୍ତ୍ତନ ଘଟିଛି , ତାହା ନୁହେଁ ; ନାଟକର ଆଙ୍ଗିକ ଦିଗରେ ମଧ୍ୟ ନୂତନ ଶୈଳୀକୁ ଆପଣାଇବାରେ ଆଧୁନିକ ନାଟ୍ୟକାରମାନେ ମୁଖର । ନାଟକ ଗଣକଳା । ତେଣୁ ସମୟ ଅନୁସାରୀ ହୋଇ ପ୍ରାସଙ୍ଗିକ ହେବା ନାଟକ ପାଇଁ ଏକାନ୍ତ ଆବଶ୍ୟକ । ମନୋରଞ୍ଜନଙ୍କ ସମୟ (ପ୍ରଥମେ ଆଗାମୀ- ୧୯୫୦) ରେ ହିଁ ମଞ୍ଚର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନେକ ନୂତନ କଥାବସ୍ତୁ ନାଟକରେ ପ୍ରଦର୍ଶିତ ହେଲା । ସେହିପରି ନାଟ୍ୟକାର ବିଜୟ ମିଶ୍ରଙ୍କ ୧୯୬୮ ମସିହାରେ ରଚିତ 'ଶବବାହକମାନେ' ନାଟକର ମଞ୍ଚ କୌଶଳରେ ପରିବର୍ତ୍ତନ ଆସିଛି । ତେବେ ପରୀକ୍ଷା ଓ ପ୍ରୟୋଗ ନାମରେ ପ୍ରଥମେ ଗଳ୍ପାଂଶ, ସଂଳାପ ଏପରିକି ସେଟିଂରେ ନୂତନତ୍ୱ ପରିଲକ୍ଷିତ ହୋଇଛି । ସଂଳାପ ଗୁଡିକ ଅତି ସଂକ୍ଷିପ୍ତ ହୋଇଯାଇଛି । ଏହାକୁ ଟେଲିଗ୍ରାଫିକ ସଂଳାପ କୁହାଯାଏ । ନାଟକ ଆଉ ଗଣର ନହୋଇ ଜଣରେ ପରିଣତ ହୋଇଯାଇଛି । ଅର୍ଥାତ୍ ନାଟକ ବୌଦ୍ଧିକ ପର୍ଯ୍ୟାୟକୁ ଉପନୀତ ହେଲା । ତାହା ହୁଏତ ସଂଖ୍ୟାଧିକ ଓଡିଆ ଦର୍ଶକଙ୍କୁ ସ୍ପର୍ଶ କରିପାରିଲା ନାହିଁ । ତେଣୁ ପ୍ରାୟ ୧୯୭୩-୭୫ ବେଳକୁ ନାଟକରେ ସଂଗୀତର ବ୍ୟବହାର କରାଯାଇଛି । ଏହା ସହିତ ପୂର୍ବରୁ ପ୍ରଚଳିତ ଏବଂ ପ୍ରତିଷ୍ଠିତ ଲୋକନାଟକ ପରଂପରାର ବିଭିନ୍ନ ଉପାଦାନ ଆଧୁନିକ ନାଟକକୁ ଖୋରାକ ଯୋଗାଇଛି ଏକ ନୂତନ ଶୈଳୀର ନାଟକ ରଚନା କରିବା ନିମିତ୍ତ । ନାଟ୍ୟ ସମାଲୋଚିକା ଡ. ସଂଘମିତ୍ରା ମିଶ୍ରଙ୍କ ମତରେ, "୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି ସମୟରେ ଏହି ଗୀତିମୟତାକୁ ଉପଯୋଗ କରି ସମଗ୍ର ଭାରତୀୟ ନାଟକରେ ରାଜନୀତି ସଚେତନତା ରୂପାୟିତ ହେଲା । ଲୋକନାଟକର ନଟନଟୀ, କେଳା କେଳୁଣୀ, ଘୋଡାନାଟ, ଦଣ୍ଡନାଟ ପ୍ରଭୃତିର ଫର୍ମକୁ ନେଇ ବିଷୟ ପ୍ରବେଶ ଘଟିଲା ଓ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ସ୍ୱରକୁ ନାଟକରେ ଧରି ରଖିବାର ପ୍ରୟାସ ହେଲା ।" ନାଟକରେ ଏହି ଲୋକ ଉପାଦାନର ପ୍ରୟୋଗହିଁ ପରବର୍ତ୍ତୀ ସମୟରେ ପୁନର୍ବାର ନାଟକକୁ ଦର୍ଶକମାନଙ୍କ ସମ୍ମୁଖରେ

**Shikshan Sanshodhan : Journal of Arts, Humanities and Social Sciences** ISSN(o): 2581-6241
Monthly, Peer-Reviewed, Refereed, Indexed Journal Impact Factor: 7.384
Volume - 8, Issue - 7, July - 2025

ପହଞ୍ଚାଇପାରିଥିଲା । ନାଟକଗୁଡ଼ିକୁ ଅଧିକ ଦର୍ଶକୀୟ ଆଦୃତି ଲାଭ କରିବା ପାଇଁ ନାଟକରେ ଭିନ୍ନ ଉପାୟରେ ପରୀକ୍ଷା ନିରୀକ୍ଷା ଚାଲିଲା । ଏହା ମଧ୍ୟରେ ନାଟକ ଭିତରକୁ ଧସେଇ ପଶିଆସିଲା ସମସାମୟିକ ସମସ୍ୟାକୈନ୍ଦ୍ରିକ ଘଟଣାମାନ । ଯାହାକି ଆମର ପାରିବାରିକ, ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ, ରାଜନୀତିକ, ଧାର୍ମିକ, ଆଧ୍ୟାତ୍ମିକ , ବୈଷୟିକ, ବୈଜ୍ଞାନିକ ଏପରିକି ସାର୍ବିକ ଜୀବନକୁ କଲା ପ୍ରଭାବିତ । ତନ୍ମଧ୍ୟରୁ ନାଟକରେ ମିଥର ପ୍ରୟୋଗ ଅନ୍ୟତମ ।

ମିଥ୍ ଗୋଟିଏ ଜାତିର ଜୀବନବେଦ । ଏହାର ପରିଭାଷା ଭିନ୍ନ ଭିନ୍ନ । ଆମେ ଯାହାକୁ ବା ଯେଉଁ ଅର୍ଥରେ ମିଥ୍ ର ବ୍ୟବହାର କରୁ ବା କହିଥାଉ , ତାହା ପ୍ରାଚୀନ ଯୁଗର ମଣିଷସମାଜ ନିକଟରେ ନିଛକ ଗାଲଗଳ୍ପ ବା ଅତିକଥା ଭାବେ ଗୃହୀତ ହୋଇନଥିଲା । ସେମାନଙ୍କ ନିକଟରେ ମିଥ୍ ଥିଲା- 'ସତ୍ୟ ଇତିହାସ' , 'ପବିତ୍ର କାହାଣୀ' , ବିଶେଷ ଧରଣର ଅଧ୍ୟୟନସିଦ୍ଧ ବ୍ୟକ୍ତିଙ୍କ ଅଧିଗମ୍ୟ । ଏକଥା ସତଯେ ମିଥ୍ ସହ ଲୋକଗଳ୍ପ ଏବଂ ଅନ୍ୟାନ୍ୟ ପ୍ରାଚୀନ କହାଣୀର ସାଦୃଶ୍ୟ ରହିଛି । ମିଥ୍ ଭଳି ଏସବୁ କାହାଣୀର ରଚୟିତାଙ୍କ ନାମ ବା ରଚନାକାଳ ଖୋଜିଲେ ହତାଶ ହେଇଯିବାକୁ ପଡେ । ମିଥ୍ ସମେତ ଏହିସବୁ କାହାଣୀର ଧାରା ପ୍ରାଚୀନ କାଳରୁ ଆଧୁନିକ କାଳର ସାହିତ୍ୟ ସୃଷ୍ଟି ପର୍ଯ୍ୟନ୍ତ ଗଢି ଆସିଛି । ତେବେ ମିଥ୍ ସହ ଲୋକଗଳ୍ପ ଓ ଅନ୍ୟାନ୍ୟ ପ୍ରାଚୀନ କାହାଣୀର ପାର୍ଥକ୍ୟ ହେଲା , ମିଥ୍ ମଧ୍ୟରେ ଯେପରି ଆଦିମ ତଥା ଆବହମାନ ଜୀବନର ଧର୍ମୀୟ ଏବଂ ଅଲୌକିକ ରସଯୁକ୍ତ, ସଙ୍କେତ ମଣ୍ଡିତ ଘଟଣାଧାରା ବିଦ୍ୟମାନ, ଲୋକଗଳ୍ପ ବା ଅନ୍ୟାନ୍ୟ ପ୍ରାଚୀନ କାହାଣୀ ମଧ୍ୟରେ ସେପରି ବ୍ୟାପକ ସମ୍ଭାବନା ଦେଖିବାକୁ ମିଳେନାହିଁ । ଏହି ମିଥ୍ ଉତ୍ତର ଅଶୀ ପର୍ଯ୍ୟାୟର ଓଡିଆ ନାଟକରେ ବହୁଳ ଭାବରେ ଲକ୍ଷ୍ୟ କରାଯାଏ । ତନ୍ମଧ୍ୟରୁ ଇତିହାସର ଚାଣକ୍ୟକୁ କେନ୍ଦ୍ର କରି ଉତ୍ତର ଅଶୀ ପର୍ଯ୍ୟାୟରେ ଲିଖିତ ହୋଇଛି ତିନୋଟି ମିଥ୍ ଧର୍ମୀ ନାଟକ । ନାଟ୍ୟକାର ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' , ଶଙ୍କର ପ୍ରସାଦ ତ୍ରିପାଠୀଙ୍କ 'ଚନ୍ଦ୍ରଗୁପ୍ତଙ୍କ ଜନ୍ମମୃତ୍ୟୁ ସଂବାଦ' ଏବଂ ନବୀନ କୁମାର ପରିଡାଙ୍କ 'ତଥାପି ଚାଣକ୍ୟ' । ତେବେ ଇତିହାସର କୂଟନୀତିଜ୍ଞ ଏବଂ ଅର୍ଥନୀତିଜ୍ଞ ଚାଣକ୍ୟ ଏବଂ ତା'ର ବାର୍ତ୍ତମାନିକ ପୁନର୍ମୂଲ୍ୟାୟନ ଏହି ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ ।

**2. ଚାଣକ୍ୟ : ଏକ ଦ୍ୱନ୍ଦ୍ୱାତ୍ମକ ଚରିତ୍ର :–**

ନାଟ୍ୟକାର ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ଇତିହାସର ଚାଣକ୍ୟକୁ କେନ୍ଦ୍ର କରି ଏକ ମିଥ୍ ଧର୍ମୀ ନାଟକ । ଇତିହାସର ପୃଷ୍ଠଭୂମି ଉପରେ ଚଳନ୍ତି ସମାଜର ସାମାଜିକ ଚିତ୍ର ଏଥିରେ ପ୍ରତିଫଳିତ । ଇତିହାସର ନନ୍ଦର କ୍ରୁର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ତକ୍ଷଶୀଳାର ତରୁଣ ଅର୍ଥନୀତିର ଅଧ୍ୟାପକ ଚଣକ ପୁତ୍ର ଚାଣକ୍ୟ । ଶାସନ ନାମରେ ଦେଶରେ ଚାଲିଥିବା ଶୋଷଣ, ତୋଷଣ ଓ ଦୁର୍ନୀତି ବିରୁଦ୍ଧରେ କରିଥିଲେ ବିଦ୍ରୋହ । ନାଟ୍ୟକାର ଚାଣକ୍ୟକୁ ଇତିହାସର କୌଣସି ଏକ ସମୟ ମଧ୍ୟରେ ଆବଦ୍ଧ ନକରି ଜଣେ ସର୍ବକାଳୀନ ଯୁବକ ଭାବରେ ଗ୍ରହଣ କରିଛନ୍ତି । ନାଟ୍ୟକାରଙ୍କ ମତରେ- "ମୋ ସ୍ୱପ୍ନର ଚାଣକ୍ୟ ବୁଢା ନୁହେଁ । ସେ ଏକ ସର୍ବକାଳିକ ଯୁବକ । ଆନ୍ଧମାନଙ୍କ ହାତୀ ଦେଖାଭଳି ମୁଁ ଚାଣକ୍ୟଙ୍କୁ ଯେମିତି ଦେଖିଚି, ସେମତି ଲେଖିଚି । ସେ ଚାଣକ୍ୟ ନୁହେଁ , 'ଅଥଚ ଚାଣକ୍ୟ' । ସେ କୌଣସି ନିର୍ଦ୍ଦିଷ୍ଟ ସମୟରେ ବାନ୍ଧିହେବା ଐତିହାସିକ ଚରିତ୍ର ନୁହେଁ , ଅଥଚ ଇତିହାସ ତାଙ୍କୁ ନେଇ ମୁଣ୍ଡ ଖେଳାଏ । ଏଇଭଳି ଏକ ସବୁକାଳର ଚରିତ୍ରକୁ ଚିହ୍ନିବା ପାଇଁ ମୁଁ ବିଶ୍ୱ ଚିନ୍ତାମାନସକୁ ଆହ୍ୱାନ ଦେଇଚି ।"[i] ଚାଣକ୍ୟଙ୍କ ମନ୍ତ୍ରଣା ଓ ଚନ୍ଦ୍ରଗୁପ୍ତଙ୍କର ବୀରତ୍ୱ ସହ ଜନସାଧାରଣଙ୍କ ବିଦ୍ରୋହୀ ମନୋଭାବ ରାଜଶକ୍ତିର ପରିବର୍ତ୍ତନ ଆଣିଥିଲା । ରାଷ୍ଟ୍ର ପାଇଁ, ଜାତି ପାଇଁ ସର୍ବସ୍ୱ ହରାଇ ଚାଣକ୍ୟ ପାଇଲେ କ'ଣ ? ସମ୍ପୂର୍ଣ୍ଣ ଆର୍ଯ୍ୟାବର୍ତ୍ତକୁ ଶୋଷଣମୁକ୍ତ କରିବାର ସ୍ୱପ୍ନ ଦେଖୁଥିବା ଚାଣକ୍ୟଙ୍କ ଚକ୍ଷୁ ସାମ୍ନାରେ ପୁଣି ସେଇ ପୁନରାବୃତ୍ତି । ପୁଣି ସେଇ ଅତ୍ୟାଚାରର ଚିତ୍ର । ଦେଶରେ ଶାସକମାନଙ୍କ ପରିବର୍ତ୍ତନ ଘଟେ , କିନ୍ତୁ ଶାସନରେ ନୁହେଁ । ରାଜା ବଦଳିଲେ ବି ଶାସନ ବଦଳୁନାହିଁ , ଶୋଷଣ ବଦଳୁ ନାହିଁ । ଏହି ପରିପ୍ରେକ୍ଷୀରେ ମନେପଡେ ନାଟ୍ୟକାର ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' ନାଟକ । ତେବେ ଚାଣକ୍ୟ ହୋଇଗଲେ ଏକ ପରାଜିତ ନାୟକ । ଚନ୍ଦ୍ରଗୁପ୍ତଙ୍କ ରାଣୀ ମାଳବିକାଙ୍କ ଦ୍ୱାରା ଅପମାନିତ ହୋଇ ଚାଣକ୍ୟ ପୁଣି ଥରେ ଏକ ଆଦର୍ଶର ଅନୁସନ୍ଧାନରେ - ଯାହାଙ୍କୁ ପାଇଲେ ସମ୍ପୂର୍ଣ୍ଣ ଆର୍ଯ୍ୟାବର୍ତ୍ତରେ ପୁଣି ଥରେ ଫେରି ଆସିବ ଶାନ୍ତି । ରାଜ୍ୟର ସାଧାରଣ ଜନତାଙ୍କ ପାଖକୁ ଚାଲି ଆସିବ ସୁଖ । ମାତ୍ର ଏହି ଅନୁସନ୍ଧାନର ଯେପରି ଆଉ ଅନ୍ତ ନାହିଁ । ଶୋଷଣରୂପୀ ମହାମାରୀ ଦ୍ୱାରା ସଭିଏଁ ଯେପରି ଆକ୍ରାନ୍ତ । କେବଳ ଖୋଜୁଥାନ୍ତି ମାଧ୍ୟମଟିଏ । ସିଂହାସନଟିଏ । ଉକ୍ତ ଘଟଣାକୁ ଚଳନ୍ତି ଘଟଣାବଳୀ ସହିତ ସଂପୃକ୍ତ କରିବା ପାଇଁ ନାଟ୍ୟକାର ବାଛିଛନ୍ତି ଏକ ଚମତ୍କାର ମାଧ୍ୟମଟିଏ । ଇତିହାସର ପୁନରାବୃତ୍ତି ଭିତରେ ନାଟକର କେତେକ ସିକ୍ୱେନ୍ସ ଉପରେ ସମ୍ବାଦପତ୍ରର ସାଂପ୍ରତିକ ଘଟଣାବଳୀର ଉଲ୍ଲେଖ ଏକ ଅଭିନବ ପ୍ରଚେଷ୍ଟା । ନାଟ୍ୟକାର ଚଇନିଙ୍କର ଇତିହାସ ଏକ ଅବଲମ୍ବନ । ମାତ୍ର ସବୁ ଘଟଣା ଚଳନ୍ତି ସମାଜର । ତାଙ୍କ 'ଅଥଚ ଚାଣକ୍ୟ' ନାଟକରେ ଚାଣକ୍ୟ ପାଲଟିଛି ଏକ ମିଥ୍ ଚରିତ୍ର । ତାହାକୁ ଆଖି ଆଗରେ ରଖି ନାଟ୍ୟକାର ବର୍ତ୍ତମାନ ସମୟର କଥା କହିଯାଇଛନ୍ତି । ନାଟକର ଶେଷରେ ସବୁଆଡୁ ହତାଶ ହୋଇସାରି ଏକ ପରାଜିତ ନାୟକ ଭଳି ଚାଣକ୍ୟ ତେଣୁ କହି ଉଠିଛି – "ସବୁ ଶେଷ ହୋଇଗଲା । ସବୁ ଉତ୍କଣ୍ଠାର ଅପମୃତ୍ୟୁ ଘଟିଲା । ଏଣିକି କେଉଁଠିକି ଯିବୁ ଚାଣକ୍ୟ ? ନୂତନ ଶାସନ ପଦ୍ଧତି , ନୂତନ କୂଟନୀତି , ନୂତନ ରାଜନୀତିର ନିୟମ ପ୍ରଣୟନ କରିବାକୁ ? ନୂତନ ସିଂହାସନ , ନୂତନ ମୁକୁଟର ସନ୍ଧାନ କରିବାକୁ ? ତେବେ ଆଗେଇ ଚାଲ ଚାଣକ୍ୟ ... ଚରୈବେତି ... ଚରୈବେତି ...।"[ii]

ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ 'ଚନ୍ଦ୍ରଗୁପ୍ତଙ୍କ ଜନ୍ମ-ମୃତ୍ୟୁ ସମ୍ବାଦ' ନାଟକର ଅର୍ଦ୍ଧାଂଶ ଐତିହାସିକତାର ଆବରଣ ଏବଂ ଅର୍ଦ୍ଧାଂଶ ତା'ର ଆଧୁନିକ ପ୍ରେକ୍ଷାର ଅନୁଶୀଳନ । ତେଣୁ ନାଟକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି – 'ଛାୟା' ଏବଂ 'ଆଲୋକ' । ନାଟ୍ୟକାରଙ୍କ ମତରେ- " 'ଛାୟା' ଅତୀତର ସମସ୍ତ ଘଟଣା ପ୍ରବାହକୁ ନିୟନ୍ତ୍ରଣ କରୁଛି ଏବଂ 'ଆଲୋକ' ବର୍ତ୍ତମାନର ନିଚ୍ଛକ ପରିପ୍ରକାଶ । 'ଛାୟା' ନିମ୍ନବର୍ଗର ଚରିତ୍ରମାନଙ୍କର ଚରାଭୂଇଁ । 'ଆଲୋକ' ଉଚ୍ଚ ପୀଢିରେ ଅବସ୍ଥାନ କରୁଥିବା ଚରିତ୍ରଙ୍କର ଅଭିନୟ ସ୍ଥାନ ।"[iii] ପ୍ରଥମ ଭାଗର ଚରିତ୍ରମାନେ ଇତିହାସର ଆବୃତ୍ତି କରିବା ସମୟରେ ଐତିହାସିକ ପରିଛେଦ , ଭାବଭଙ୍ଗୀ ଓ ଦ୍ରବ୍ୟର ବ୍ୟବହାର କରୁଛନ୍ତି ଏବଂ ଦ୍ୱିତୀୟ ଭାଗରେ ସେମାନେ ବର୍ତ୍ତମାନ ସମୟର ସାମାଜିକ ବ୍ୟକ୍ତିତ୍ୱ ଗୁଡ଼ାଏ । ଏ ନାଟକର 'ଚନ୍ଦ୍ରଗୁପ୍ତ' , 'ନନ୍ଦ' ଓ 'ଚାଣକ୍ୟ' କୌଣସି ନିର୍ଦ୍ଦିଷ୍ଟ ସମୟ, ସ୍ଥାନ, ସୀମା ମଧ୍ୟରେ ଆବଦ୍ଧ ନୁହନ୍ତି । କାଳ ସେମାନଙ୍କ ଲାଗି ନିରୁଦ୍ଦିଷ୍ଟ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅତୀତ ଓ ବର୍ତ୍ତମାନ ଏକିଭୂତ ହୋଇ ସେମାନଙ୍କ ଆଗରେ ଉପସ୍ଥିତ ହୁଏ ଏବଂ ଅନିଶ୍ଚିତ ଭବିଷ୍ୟତର ସ୍ୱପ୍ନରେ ସେମାନେ ମୋହାବିଷ୍ଟ ହୋଇପଡନ୍ତି । 'ଚନ୍ଦ୍ରଗୁପ୍ତ' ବ୍ୟକ୍ତି ମାନସର ତୀବ୍ର ମାନସିକ ଦ୍ୱନ୍ଦ୍ୱ, ସମୟ, ସମୟହୀନତା, ଯନ୍ତ୍ରଣା ଓ ତା'ର ପରିପ୍ରକାଶ । ଚିନ୍ତା ଓ ଚେତନା ରାଜ୍ୟର ବହୁବିଧ ବିଭାଗ ମଧ୍ୟରୁ ଜନ୍ମ । ନିଜର ସ୍ଥିତି ଲାଗି ସେ ସଂଗ୍ରାମ କରେ ଓ ସ୍ଥିତିହୀନତାରେ ଭାଙ୍ଗିପଡେ । ଜୀବନ ଓ ସଂଘର୍ଷ ଏ ନାଟକର କେନ୍ଦ୍ରବିନ୍ଦୁ ନାଟକର ପ୍ରଥମ ଭାଗରେ ଇତିହାସର ଅହଂକାରୀ ନନ୍ଦଙ୍କୁ ପରାସ୍ତ କରି ଚନ୍ଦ୍ରଗୁପ୍ତ ମଗଧ ସିଂହାସନର ଅଧିକାରୀ ହୋଇପାରିଛନ୍ତି । ମାତ୍ର ଚାଣକ୍ୟଙ୍କର ଅତ୍ୟାଚାର ମୁକ୍ତ ଶାସନର ଯେଉଁ ଅଭିପ୍ସା ଥିଲା ; ତାହା ତାଙ୍କୁ ଧୂମିଳ ମନେ ହୋଇଛି ଚନ୍ଦ୍ରଗୁପ୍ତଙ୍କର ସିଂହାସନ ଅରୋହଣ ପରେ । ନନ୍ଦଙ୍କ କନ୍ୟା ମାଳବିକାଙ୍କ ପ୍ରେମରେ ଅନ୍ଧ ସାଜିଛନ୍ତି ଚନ୍ଦ୍ରଗୁପ୍ତ । ବ୍ୟକ୍ତିତ୍ୱରେ ତାଙ୍କର ଆସିଛି ପରିବର୍ତ୍ତନ ଏବଂ ଗୁରୁ ଚାଣକ୍ୟଙ୍କୁ ମଧ୍ୟ ସେ ଅପମାନିତ କରିବାକୁ ସୁଦ୍ଧା ପଛେଇ ନାହାନ୍ତି । 'ସିଂହାସନ' ଓ 'କ୍ଷମତା' ବଦଳାଇ ଦିଏ ବ୍ୟକ୍ତିଚରିତ୍ର ; ଏ କଥାଟି ପରିଶୀଳିତ ହୋଇଛି ଚନ୍ଦ୍ରଗୁପ୍ତଙ୍କ ଚରିତ୍ର ଦେଇ । ଅପରପକ୍ଷରେ ଇତିହାସର 'ଚନ୍ଦ୍ରଗୁପ୍ତ' ବର୍ତ୍ତମାନର ଚନ୍ଦ୍ରଗୁପ୍ତ ମିଶ୍ର , I.A.S ; Rajashri Chemicalsର ମାଲିକ ନନ୍ଦକିଶୋର ରାୟ ଏବଂ ତାଙ୍କ କନ୍ୟା ମାଳବିକା ରାୟଙ୍କ ହାତରେ ପରିଣତ ହୋଇପଡିଛନ୍ତି ଏକ ଖେଳଣା କଣ୍ଢେଇ । ଦଶଲକ୍ଷ ଟଙ୍କା, Toyeta Car, କୋଠାଘର, କୋଡିଏ ଭରି ସୁନାରେ କିଣା ହୋଇଯାଇଥିବା ଚନ୍ଦ୍ରଗୁପ୍ତ ମିଶ୍ର, I.A.S ଙ୍କୁ କେନ୍ଦ୍ରକରି ଶିଳ୍ପପତି ନନ୍ଦ ସ୍ୱପ୍ନ ଦେଖନ୍ତି ତାହାରି ମୂଳଦୁଆ ଉପରେ ସେ ଛିଡା କରିବେ ଶହେ ମହଲା କୋଠା । ଚନ୍ଦ୍ରଗୁପ୍ତ ମିଶ୍ର ତାଙ୍କ ପାଇଁ ଏକ Lottery ଟିକେଟ୍ । ଏପଟେ ଏକ ଉଗ୍ର ସ୍ୱଭାବ ବିଶିଷ୍ଟ ଆଧୁନିକ ନାରୀର ପ୍ରତୀକ ସ୍ତ୍ରୀ ମାଳବିକା ରାୟର ସିଗାରେଟ୍ ଓ ମଦ ଖର୍ଚ୍ଚ ବାବଦକୁ ଟଙ୍କା ଯୋଗାଇବା ପାଇଁ ମଧ୍ୟ I.A.S ମିଶ୍ର ଅସମର୍ଥ । Rajashri Chemicals ରୁ ବାହାରିଥିବା କ୍ଷତିକାରକ ଗ୍ୟାସ ଯୋଗୁଁ ଅଧିକରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସତ୍ତ୍ୱେ ଚନ୍ଦ୍ରଗୁପ୍ତ ମିଶ୍ର କିଂକର୍ତ୍ତବ୍ୟବିମୂଢ଼ । ସମସ୍ତ ଶକ୍ତିର ଅଧିକାରୀ ହୋଇ ମଧ୍ୟ ସତେଯେପରି ତାଙ୍କ ଠାରୁ ସମସ୍ତ ଶକ୍ତିଗୁଡିକୁ ଅପହରଣ କରିନିଆଯାଇଛି । ଏକ ପିଞ୍ଜରାବଦ୍ଧ ପକ୍ଷୀ ସଦୃଶ ସେ ମୁକ୍ତପ୍ରୟାସୀ ହେଲେ ମଧ୍ୟ ଅସମର୍ଥ । ସତେ ଯେପରି ତାଙ୍କ ହସ୍ତପଦାଦିକୁ ଏକ ଶକ୍ତ ରଜ୍ଜୁରେ ବାନ୍ଧି ତାଙ୍କୁ ଚଳତ୍ ଶକ୍ତିହୀନ କରିଦିଆଯାଇଛି । ଏପରିକି ନିଜ ମା' ଙ୍କୁ ଦେଖା କରିବା ନିମିତ ସେ ଗାଁକୁ ମଧ୍ୟ ଯାଇପାରୁନାହାନ୍ତି । ତଥାପି ଦୁର୍ବଳ ଯେତେବେଳେ ନିଜର ସାମର୍ଥ୍ୟ ଓ ଅଧିକାର ବିଷୟରେ ସଚେତନ ହୋଇଉଠେ , ନିଜର ନ୍ୟାର୍ଯ୍ୟ ଅଧିକାର ଦାବୀରେ ସବଳ ବିରୁଦ୍ଧରେ ପ୍ରତିବାଦ କରିବାକୁ ପଦାକୁ ବାହାରି ଆସେ , କ୍ଷମତାର ରଥଚକ ତଳେ ତାଙ୍କୁ ଚାପି ହୋଇଯିବାକୁ ପଡେ । ପରିଣତିରେ ଚନ୍ଦ୍ରଗୁପ୍ତ ମିଶ୍ରଙ୍କ ସହ ମଧ୍ୟ ତାହାହିଁ ହୋଇଛି । ଚନ୍ଦ୍ରଗୁପ୍ତଙ୍କୁ ଶେଷରେ ମାରିଦିଆଯାଇଛି ।

ଇତିହାସର ତକ୍ଷଶୀଳାର ଅର୍ଥନୀତିଜ୍ଞ ଚାଣକ୍ୟ ଓରଫ୍ ବର୍ତ୍ତମାନର Economics Professor ଚାଣକ୍ୟ ରାୟଙ୍କ ଯୁଗ ଯୁଗ ଧରି ଏହିପରି ଚନ୍ଦ୍ରଗୁପ୍ତମାନଙ୍କୁ ଖୋଜା ଚାଲିଥିବ । କେଜାଣି କେଉଁଦିନ ଚନ୍ଦ୍ରଗୁପ୍ତମାନଙ୍କର ପ୍ରକୃତ ଠିକଣା ମିଳିବ ଏବଂ କେବେ ଚାଣକ୍ୟଙ୍କର ଏକ ଶୋଷଣମୁକ୍ତ ସୁସାମ୍ରାଜ୍ୟ ପ୍ରତିଷ୍ଠା କରିବାର ସ୍ୱପ୍ନ ସାକାର ହେବ ? ଏହାହିଁ ଏକ ବିରାଟ ପ୍ରଶ୍ନବାଚୀ ।

**3. ଚାଣକ୍ୟ : ଏକ ବିଶ୍ୱାୟିତ ରୂପ :-**

ଉପରୋକ୍ତ ଦୁଇଟି ନାଟକରେ ଚାଣକ୍ୟ ସବୁଆଡୁ ପରାସ୍ତ ହୋଇପଡିଥିବା ଏକ ପରାଜିତ ନାୟକ । ଚନ୍ଦ୍ରଗୁପ୍ତଙ୍କୁ ସେ ଖୋଜିଚାଲିଛନ୍ତି ଯୁଗଯୁଗ ଧରି । କେଉଁଠି ଚନ୍ଦ୍ରଗୁପ୍ତର ନିଜର ସିଂହାସନ ଅଧିକାର କଲା ପରେ ତା'ର ଆତ୍ମିକ ପରିବର୍ତ୍ତନ ହେଇଯାଇଛି ତ ପୁଣି କେଉଁଠି ଶାସନର ରଥଚକ ତଳେ ଏହି ଚନ୍ଦ୍ରଗୁପ୍ତମାନଙ୍କୁ ଚାପି ଦିଆଯାଉଛି । ତଥାପି ଚାଣକ୍ୟଙ୍କର ଅନ୍ୱେଷଣ ଜାରି ରହିଛି । ମାତ୍ର ନାଟ୍ୟକାର ନବୀନ କୁମାର ପରିଡାଙ୍କ 'ତଥାପି ଚାଣକ୍ୟ' ନାଟକର ଚାଣକ୍ୟ ବର୍ତ୍ତମାନ ପରିସ୍ଥିତିକୁ ନେଇ ସଚେତନ । ସେଦିନର ପରିସ୍ଥିତିକୁ ନେଇ ପଛଘୁଞ୍ଚା ଦେବାର ନଥିଲା ବୋଲି ମଧ୍ୟ ସେ ହୃଦବୋଧ କରିଛନ୍ତି । ସମସ୍ତ ଜନସମାଜକୁ ସାମାଜିକ ନ୍ୟାୟର ଶିକ୍ଷା ଦେବା ନିମନ୍ତେ ପୁଣିଥରେ ଚାଣକ୍ୟଙ୍କ ଆର୍ବିଭାବ । ଚାଣକ୍ୟଙ୍କ ଭାଷାରେ- "ସେ ଦିନର ବିଫଳତା ପରେ ଆଜି ମୁଁ ପ୍ରସ୍ତୁତ ହୋଇ ଆସିଛି । ଏବେ ପୁଣି ଜନପଦକୁ ଫେରିବାକୁ ଚାହେଁ । ଲୋକାଚାର ଆଉ ରାଜନୀତିକୁ ନେଇ ସାମାଜିକ ନ୍ୟାୟର ଚେତନା ଜାଗ୍ରତ କରିବାର ସମୟ ଆସିଛି । ଅତଏବ ସମସ୍ତଙ୍କୁ ଉଜ୍ଜୀବିତ କରି ସମଗ୍ର ଶାସନ ପ୍ରଣାଳୀ ଏବଂ ସାମାଜିକ ସଚେତନତାକୁ କଳଙ୍କ ମୁକ୍ତ କରିବାକୁ ଚାହେଁ ।"[iv] ନାଟକର ଅନ୍ୟତମ ମିଥ୍ ଚରିତ୍ର ଭାବେ ଦ୍ରୌପଦୀ ନିଜ ସ୍ଥିତିକୁ ନେଇ ବିଚଳିତ ହେଉଥିବାବେଳେ

ଚାଣକ୍ୟ ତାଙ୍କୁ ମଧ ବୁଝାଇଛନ୍ତି – "* * * ଆପଣ ମଧ ଖୋଲି ଦିଅନ୍ତୁ ଆପଣଙ୍କ ବେଣୀର ବନ୍ଧନକୁ ଆଉ ତେଜମୟୀ ସ୍ଫୁଲିଙ୍ଗ ଭଳି ନାରୀ ସମାଜର ଶିରା ପ୍ରଶିରାରେ ପ୍ରବେଶ କରି ଅନ୍ୟାୟ ଓ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତୁ ଏବଂ ସମାଜରେ ଥିବା ଦୁର୍ଯୋଧନ ଆଉ ଦୁଃଶାସନର ମୂଳୋତ୍ପାଟନ କରନ୍ତୁ । * * * ଆସନ୍ତୁ ଆଉ ପ୍ରତୀକ୍ଷା ନୁହେଁ ବରଂ ନକ୍ଷେଷିତ ଜନତାଙ୍କର ବହୁ ପ୍ରତୀକ୍ଷିତ ପ୍ରତୀକ୍ଷାର ଏବେ ଅନ୍ତ ଘଟାଇବାକୁ ପଡିବ ...।"[v] 'ତଥାପି ଚାଣକ୍ୟ' ନାଟକରେ ଚାଣକ୍ୟ ବ୍ୟକ୍ତିଗତ ସତ୍ତାରୁ ରୂପାନ୍ତରିତ ହୋଇଛନ୍ତି ଏକ ସାମୂହିକ ସତ୍ତାରେ । କେବଳ ମୌର୍ଯ୍ୟ ସାମ୍ରାଜ୍ୟର ଉନ୍ନତି ନୁହେଁ , ସମଗ୍ର ବିଶ୍ୱ ମାନବୀୟ ସତ୍ତାରେ ଶୋଷଣମୁକ୍ତ ଭାବଧାରାର ଫଲ୍ଗୁ ଖେଳାଇ ଦେବା ଉଦ୍ଦେଶ୍ୟରେ ସେ ପ୍ରତିଜ୍ଞାବଦ୍ଧ । ଏକ ଶୋଷଣମୁକ୍ତ ବିଶ୍ୱକଲ୍ୟାଣ ନିମିତ ଚାଣକ୍ୟଙ୍କୁ ମିଥ୍ ଚରିତ୍ର ଭାବେ ଗ୍ରହଣ କରିଥିବାରୁ 'ତଥାପି ଚାଣକ୍ୟ' ନାଟକ ସାର୍ଥକ ହୋଇଛି ।

**4. ଉପସଂହାର:-**

ଇତିହାସ ପ୍ରସିଦ୍ଧ ଚାଣକ୍ୟଙ୍କୁ କେନ୍ଦ୍ରକରି ଓଡିଆ ସାହିତ୍ୟ ଲେଖନୀ ଚାଳନା କରିଚାଲିଛି । କେଉଁଠି ଚାଣକ୍ୟଙ୍କୁ ନେଇ ଐତିହାସିକ ସୃଷ୍ଟି କରାଯାଇଛି ତ ପୁଣି କେଉଁଠି ଚାଣକ୍ୟଙ୍କୁ ଏକ ନୂତନ ରୂପରଙ୍ଗ ଦେଇ ପୁନର୍ମୂଲ୍ୟାୟନ କରାଯାଇଛି । ନାଟକ ସମ୍ବନ୍ଧୀୟ ଏହି ପ୍ରବନ୍ଧରେ ଚାଣକ୍ୟଙ୍କୁ କେନ୍ଦ୍ର କରି ଯେଉଁ ଆଲୋଚନା କରାଗଲା, ତାହା ଚାଣକ୍ୟର ଏକ ମିଥ୍ ରୂପ । ମୋଟ ଉପରେ , ସିଂହାସନ ସ୍ଥିର ; ଖାଲି ଯାହା ପରିବର୍ତ୍ତନ ହୁଏ ଶାସକର । ତଥାପି ସେମାନଙ୍କର ଶାସନ ପଦ୍ଧତି ସେହି ଧରାବନ୍ଧା ପରମ୍ପରା ; ଅର୍ଥାତ୍ ଶୋଷଣ, ଅନ୍ୟାୟ ଓ ଅନୀତି ମାର୍ଗରେ ଦେଶକୁ ଖଣ୍ଡ ବିଖଣ୍ଡିତ କରିଦେବା । ଯାହା ଆମେ ଦେଖିଲେ ନାଟ୍ୟକାର ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ' ନାଟକରେ । ଚାଣକ୍ୟ ଏଠାରେ ଜଣେ ପରାଜିତ ନାୟକ । ଦ୍ୱିତୀୟ ଭାଗରେ ଚନ୍ଦ୍ରଗୁପ୍ତର ସାଂପ୍ରତିକ ଅବସ୍ଥିତିକୁ ଲକ୍ଷ୍ୟ କରାଯାଇପାରେ । ଏଠାରେ ଚନ୍ଦ୍ରଗୁପ୍ତର ସୁଶାସନ ପଦ୍ଧତିରେ ସାଂପ୍ରତିକ ସମାଜ ବିଚଳିତ । ତେଣୁ ସାମ୍ପ୍ରତିକ ସମାଜର ବଡବଡିଆ ନେତା, ମନ୍ତ୍ରୀମାନଙ୍କ କ୍ରୂର  ଦୃଷ୍ଟିର ଶିକାର ହୁଅନ୍ତି ଏହି ଚନ୍ଦ୍ରଗୁପ୍ତମାନେ । ଏହି ଚନ୍ଦ୍ରଗୁପ୍ତମାନଙ୍କୁ ସେମାନେ ଶେଷ କରିଦିଅନ୍ତି  । ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଚନ୍ଦ୍ରଗୁପ୍ତଙ୍କ ଜନ୍ମ-ମୃତ୍ୟୁ ସଂବାଦ ନାଟକ ଶେଷରେ ଚନ୍ଦ୍ରଗୁପ୍ତର ଏହି ପରି ମୃତ୍ୟୁ ଘଟିଛି । ଏହିଠାରେ ତକ୍ଷଶିଳାର Economics Professor ଚାଣକ୍ୟ ରାୟ ପୁଣି ଥରେ ପରାସ୍ତ । ସମାଜରେ ସୁଶାସନର ପ୍ରତିଷ୍ଠା ନିମିତ ଚନ୍ଦ୍ରଗୁପ୍ତ ମିଶ୍ରଙ୍କର ନିୟୋଜିତ ହୋଇଥିଲେ ହେଁ କୁଶାସନର କ୍ରୂର ଦୃଷ୍ଟିର ସେ ଶିକାର ହୋଇଛି । ପୁଣି ଥରେ ଚାଣକ୍ୟଙ୍କର ଅନ୍ୱେଷଣ ଆରମ୍ଭ ହୋଇଯାଇଛି ଏକ ସୁଶାସନର ପ୍ରତିଷ୍ଠା ନିମନ୍ତେ । ତୃତୀୟ ଭାଗର ଚାଣକ୍ୟଙ୍କର କିନ୍ତୁ ଚିନ୍ତାଧାରାରେ ଆସିଛି ପରିବର୍ତ୍ତନ । ନିଜର ପୂର୍ବୋଚିତ ସମୟରେ ପଛଘୁଞ୍ଚା ଦେବା ଆବଶ୍ୟକ ନଥିଲା ବୋଲି ସେ ଅନୁତପ୍ତ । ଅତଏବ ଚାଣକ୍ୟଙ୍କର ଏକ ବିଶ୍ୱାୟିତ ରୂପ ନାଟ୍ୟକାର ନବୀନ କୁମାର ପରିଡାଙ୍କ 'ତଥାପି ଚାଣକ୍ୟ' ନାଟକରେ ଲକ୍ଷ୍ୟ କରାଯାଇପାରେ । ତେବେ ଉତ୍ତର ଅଶୀ ପର୍ଯ୍ୟାୟର ଓଡିଆ ନାଟକରେ ଚାଣକ୍ୟଙ୍କର ଏହିପରି ପୁନର୍ମୂଲ୍ୟାୟନ କରାଯାଇଛି । ପ୍ରତ୍ୟେକ ନାଟକରେ ଚାଣକ୍ୟ ପାଲଟିଯାଇଛନ୍ତି ଏକ ମିଥ୍ ଚିରତ୍ର ।

**ସହାୟକ ଗ୍ରନ୍ଥସୂଚୀ:-**

[1] ମିଶ୍ର , ସଂଘମିତ୍ରା : ନାଟକର ବିଶ୍ୱରୂପ , ବ୍ଲାକ ଇଗଲ ବୁକ୍ସ , ଭୁବନେଶ୍ୱର , ପ୍ରଥମ ପ୍ରକାଶ , ୨୦୨୨, ପୃ . ୧୫୪ ।
[2] ଚଇନି , ରତ୍ନାକର : ଅଥଚ ଚାଣକ୍ୟ (କିଞ୍ଚିତ ପୂର୍ବରୁ ) , ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ, ୧୯୮୨
[3] ସେହିଠାରେ, ପୃ . ୬୬ ।
[4] ପରିଡା , ନବୀନ କୁମାର : ତଥାପି ଚାଣକ୍ୟ (ଡଷ୍ଟବିନ୍ ଓ ଅନ୍ୟାନ୍ୟ ନାଟକ) , ଜିତ୍ ପ୍ରକାଶନ , ଭୁବନେଶ୍ୱର , ପ୍ରଥମ ସଂସ୍କରଣ , ୨୦୧୭ , ପୃ . ୧୦୦ ।
[5] ସେହିଠାରେ , ପୃ . ୧୦୦ ।